**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**03 MAY– 2026**

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତାକାଲି ସହାୟତା ରାଶି ପ୍ରଦାନ କରାଯିବ । ଏ ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଏହି ପର୍ଯ୍ୟାୟରେ ୧ଲକ୍ଷ ୨୩ହଜାର ୮୪୯ଜଣ ହିତାଧିକାରୀଙ୍କୁ ସହାୟତା ରାଶି ମିଳିବ ।

## ଅମୃତ ଯୋଜନା-୨.୦

ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ ଅମୃତ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ରାଜ୍ୟର ଅଣାନବେଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ସାର୍ବଜନୀନ ଜଳଯୋଗାଣ ଏବଂ ଜଳାଶୟଗୁଡିକର ପୁନରୁଦ୍ଧାର ଲକ୍ଷ୍ୟ ନେଇ ୩୪୫ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି । ଏଥିପାଇଁ ୪ହଜାର ୩୦କୋଟି ୧୮ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ସେଥିମଧ୍ୟରୁ ୧୦୭ଟି ପ୍ରକଳ୍ପ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇସାରିଥିବା ଜଣାପଡିଛି ।

# ମିଶାଇଲର ସଫଳ ପରୀକ୍ଷଣ

ଦୂରଗାମୀ ହାଇପରସୋନିକ ଆଣ୍ଟିସିପ୍ ମିଶାଇଲର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ସଫଳତାର ସହ ଶେଷ ହୋଇଛି । ବାଲେଶ୍ୱରସ୍ଥିତ ଚାନ୍ଦିପୁର ପ୍ରତିରକ୍ଷା କେନ୍ଦ୍ରରୁ ହୋଇଥିବା ଏହି ପରୀକ୍ଷଣରେ କ୍ଷେପଣାସ୍ତ୍ରଟି ସଫଳତାର ସହ ଲକ୍ଷ୍ୟଭେଦ କରିପାରିଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆରଡିଓ ଦ୍ୱାରା ନିର୍ମିତ ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ୧୫ଶହ କିଲୋମିଟର ଦୂରରେ ଥିବା ଲକ୍ଷ୍ୟକୁ ଭେଦ କରିପାରିବ ବୋଲି କୁହାଯାଇଛି ।

# ନିଟ୍ ପରୀକ୍ଷା

ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷାରେ ପ୍ରବେଶ ପାଇଁ ଆଜି ନିଟ୍ ୟୁଜି ପରୀକ୍ଷା ଅନୁଷ୍ଠିତ ହେବ । ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଉଛି । ଜାତୀୟ ପରୀକ୍ଷଣ ସଂସ୍ଥା ଦ୍ୱାରା କରାଯାଉଥିବା ଏହି ପରୀକ୍ଷା ପାଇଁ ଅପରାହ୍ନ ସାଢେ ଗୋଟାଏ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

# ଜମିଜମା ଅଭିଲେଖ

ରାଜ୍ୟର ସରକାରୀ ଏବଂ ବେସରକାରୀ ଜମିଜମା ଅଭିଲେଖ ସମ୍ବନ୍ଧୀୟ ପ୍ରଚଳିତ ମାର୍ଗଦର୍ଶିକାକୁ ସଂଶୋଧନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।ଏଥିପାଇଁ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ପ୍ରଚଳିତ ମାର୍ଗଦର୍ଶିକାର ସମୀକ୍ଷା କରି କମିଟି ସଂଶୋଧନ ସଂକ୍ରାନ୍ତ ପ୍ରସ୍ତାବ ଦାଖଲ କରିବ ।

# ଯାଜପୁର-ସ୍ୱାସ୍ଥ୍ୟମନ୍ତ୍ରୀ

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ରୋଗୀଙ୍କୁ ଗତକାଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭେଟିଛନ୍ତି । ଡାଇରିଆ ୱାର୍ଡକୁ ଯାଇ ସ୍ୱାସ୍ଥ୍ୟମନ୍ତ୍ରୀ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ।ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଦଶରଥପୁର ବ୍ଲକ ପାଟପୁର ଅଞ୍ଚଳରେ ବିଷାକ୍ତ ଖାଦ୍ୟ ଜନିତ ପ୍ରତିକ୍ରିୟା ଯୋଗୁଁ ଅସୁସ୍ଥ ହୋଇଥିବା ୫୦ଜଣ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ ।

# ରେଳପ୍ରକଳ୍ପ ସମୀକ୍ଷା

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସଡକ ଏବଂ ରେଳ ଯୋଗାଯୋଗ ପ୍ରକଳ୍ପଗୁଡିକର ସ୍ଥିତିରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନସ୍ଥିତ ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ପୃଥକ୍ ପୃଥକ୍ ସମୀକ୍ଷା ବୈଠକରେ ଶ୍ରୀ ସିଂହ ରାଜ୍ୟରେ ଚାଲିଥିବା ଜାତୀୟ ରାଜପଥ ପ୍ରକଳ୍ପ, ରାଜ୍ୟ ରାଜପଥ ପ୍ରକଳ୍ପ ଏବଂ ରେଳବାଇ ଓଭରବ୍ରିଜ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ସ୍ଥିତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

# ଜାତୀୟସ୍ତରୀୟ କର୍ମଶାଳା

ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତାକୁ ନେଇ ଭୁବନେଶ୍ୱରଠାରେ ଗତକାଲିଠାରୁ ପ୍ରଜ୍ଞା ପ୍ରେରଣା ଜାତୀୟ କର୍ମଶାଳା ଆରମ୍ଭ ହୋଇଛି । ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ କର୍ମଶାଳାରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗ ଦେଇଛନ୍ତି । ଜାତୀୟସ୍ତରୀୟ ଏହି କର୍ମଶାଳା ଆଜି ଉଦ୍‌ଯାପିତ ହେବ ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଓଡ଼ିଶା ପ୍ରଶାସନିକ ସେବା-୨୦୨୩ ବ୍ୟାଚର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଗତକାଲି ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୩୦ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଏବଂ ୭୪ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଯୋଗଦେଇଥିଲେ ।

## ବିଶ୍ୱ ଦକ୍ଷତା କେନ୍ଦ୍ର

ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତବର୍ଷ ମାର୍ଚ୍ଚ ମାସ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ଏଥିପାଇଁ ଆସନ୍ତା ୧୫ତାରିଖ ଯାଏ ଆବେଦନ କରିପାରିବେ । ଚଳିତ ମାସ ୩୧ତାରିଖରେ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

# ଚୈତ୍ର ମହୋତ୍ସବ

କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଚୈତ୍ର ମହୋତ୍ସବ ରଥ ଦାଣ୍ଡଠାରେ ଆରମ୍ଭ ହୋଇଛି । କୈବର୍ତ୍ତ ମହାସଭା ପକ୍ଷରୁ ଦୁଇଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଗତକାଲିର ଉଦ୍‌ଘାଟନୀ ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ । ଏହି ମହୋତ୍ସବ ଆଜି ଉଦ୍‌ଯାପିତ ହେବ ।

# ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଆଜି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି "ଶାନ୍ତିରେ ଭବିଷ୍ୟତ ଗଠନ: ମାନବାଧିକାର, ବିକାଶ ଏବଂ ସୁରକ୍ଷା ପାଇଁ ପ୍ରେସ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା" । ଜାତିସଂଘ ସାଧାରଣ ପରିଷଦ ୧୯୯୩ ମସିହାରେ ଆଜିର ଦିନକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଭାବେ ପାଳନ ନିମନ୍ତେ ଘୋଷଣା କରିଥିଲା ।

# ପାଣିପାଗ

ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସବୁ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ବୌଦ୍ଧଠାରେ ସର୍ବୋଚ୍ଚ ତାପମାତ୍ରା ୪୧ଦଶମିକ ୬ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।